## ଚିକିଟି ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା

ଚିକିଟି,(ଡି.ଏନ.ଏ.): ଚିକିଟିଗଡ଼ସ୍ଥିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ତରଫରୁ ନବାଗତ ସ୍ନାତକ ସମ୍ମାନ ବିଦ୍ୟାର୍ଥୀଙ୍କ ଉଦ୍ଦେଶ୍ୟରେ ମହାବିଦ୍ୟାଳୟ ପରିସରରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷ ଡ. ଭବାନୀ ପ୍ରସାଦ ପଣ୍ଡା ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ବିଭାଗର ମୁଖ୍ୟ ରାଧାକାନ୍ତ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ମୃତିରଞ୍ଜନ ଜେନା ଯୋଗଦେଇଥିଲେ। ଶିକ୍ଷା ବିଭାଗର ମୁଖ୍ୟ ଡ. ରାଜେଶ କୁମାର ପାତ୍ର ମଞ୍ଚାସୀନ ଥିଲେ। ବିଭାଗର ଛାତ୍ରୀ ଶିଖା ପ୍ରଧାନ, ଗୀତା ପ୍ରଧାନ, ଶିଳ୍ପା ସାହୁ ଓ ମନୀଷା ପ୍ରଧାନ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ। ଅଧାପକ ଜୟଦେବ ବେହେରା ଏହାକୁ ପରିଚାଳନା କରିଥିଲେ।

### ସଂକ୍ଷେପରେ

## ବ୍ରହ୍ମପୁର ଏସ୍‌ପି କରୋନା ପଜିଟିଭ୍



ବ୍ରହ୍ମପୁର ଅଫିସ,୮।୧: ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର କରୋନା ପଜିଟିଭ୍ ହୋଇଛନ୍ତି। ଏ ନେଇ ଏସ୍‌ପି ମିଶ୍ର ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ଗତ କିଛିଦିନ ତଳେ ଏସ୍‌ପିଙ୍କୁ ଜ୍ୱର ହୋଇଥିଲା। ପରେ କୋଭିଡ୍ ଲକ୍ଷଣ ଦେଖା ଦେବାରୁ ସେ ପରୀକ୍ଷା କରିଥିଲେ। ଶନିବାର ତାଙ୍କର ରିପୋର୍ଟ ପଜିଟିଭ୍ ଆସିଛି।

## ଗଜପତିରେ ୧୫ କରୋନା ସଂକ୍ରମିତ ଚିହ୍ନଟ

ପାରଳାଖେମୁଣ୍ଡି,୮।୧(ଡି.ଏନ୍.ଏ.): ଗଜପତି ଜିଲାରେ ପୁଣି ୧୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରେ ୮୯୫ ଜଣ ପରୀକ୍ଷା କରିଥିବା ବେଳେ ସେଥିରୁ ୧୫ ଜଣ ସଂକ୍ରମିତ ଥିବା ଜଣାପଡିଛି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୭୯୦ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ମଧ୍ୟରୁ ସଦର ମହକୁମାରେ ୨, ଗୋଷାଣୀ ବ୍ଲକରେ ଜଣେ, ଗୁମ୍ମାରେ ୨, କାଶୀନାଗର ୩, ମୋହନାରେ ଜଣେ, ରାୟଗଡ଼ା ବ୍ଲକରେ ୩, ଆନ୍ଧ୍ର ପ୍ରଦେଶର ୨ ଓ ଜିଲା ବାହାରୁ ଜଣେ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ପ୍ରଶାସନ ପକ୍ଷରୁ ସମସ୍ତ ନାକା ପଏଣ୍ଟରେ କଡ଼ାକଡି ଭାବେ ଯାଞ୍ଚ କରାଯାଉଛି।

## ଆବର୍ତ୍ତନ ପାଣ୍ଠି ବଣ୍ଟନ କାର୍ଯ୍ୟକ୍ରମ

ଫୁଲବାଣୀ ଅଫିସ, ୮।୧-ଫିରିଙ୍ଗିଆ ବ୍ଲକ କୃଷି କାର୍ଯ୍ୟାଳୟର ସଭାଗୃହରେ ଆବର୍ତ୍ତନ ପାଣ୍ଠି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୃଷି ଅଧିକାରୀ ସବ୍ୟସାଚୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦ ହଜାର ଲେଖାଏ ଟଙ୍କା ବ୍ୟାଙ୍କ ଖାତାକୁ ପଠାଯାଇଛି । ଗୋଷ୍ଠୀ ସଦସ୍ୟମାନେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ଏହାକୁ ବିନିଯୋଗ କରି ୧ ବର୍ଷ ମଧ୍ୟରେ ଟଙ୍କା ଫେରସ୍ତ କରିବେ । ଏହି ଟଙ୍କାରେ ପନିପରିବା ଚାଷ, ଅଣ୍ଡାଦିଆ କୁକୁଡା ପାଳନ, ମାଂସ ପାଇଁ କୁକୁଡା ପାଳନ, ମତ୍ସ୍ୟଚାଷ ଆଦି ବିଭିନ୍ନ ବ୍ୟବସାୟ କରି ମହିଳାମାନେ ଆତ୍ମନିର୍ଭର ହୋଇପାରିବେ ବୋଲି ବ୍ଲକ ଅଧକ୍ଷ ଲାଲନନ୍ଦା ପ୍ରଧାନ, ବିଡିଓ ରଶ୍ମିରଞ୍ଜନ ମହନ୍ତ କହିଥିଲେ।

## ୨ ପିକ୍‌ଅପ୍ ସହ କାଠ ଜବତ, ୭ ଗିରଫ

ଆସିକା,୮।୧ (ଡି.ଏନ.ଏ.): ଆସିକା ବନାଞ୍ଚଳର ଶେରଗଡ଼ ସେକ୍ସନ ଓ ଆସିକା ଥାନା ଅନ୍ତର୍ଗତ ଖଣ୍ଡଦେଉଳି ଗ୍ରାମ ନିକଟରୁ ଶନିବାର ଭୋର୍‌ରେ ସାଇଜ କାଠ ବୋଝେଇ ଦୁଇଟି ପିକଅପକୁ ପୋଲିସ ଜବତ କରିଛି। ଜବତ କାଠ ଓ ଗାଡ଼ିକୁ ପୋଲିସ ପକ୍ଷରୁ ବନବିଭାଗକୁ ହସ୍ତାନ୍ତର କରାଯାଇଛି। ଜବତ କାଠ ମଧ୍ୟରେ ୩୪ ଘନଫୁଟ ଶାଳ ସାଇଜ କାଠ ଓ ୬ଟି ଗମ୍ଭାରୀ କାଠ ରହିଛି । ଏହି ମାମଲାରେ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସମସ୍ତ ଅଭିଯୁକ୍ତ ବଡଗଡ ଥାନା ଗାଙ୍ଗପୁର ଗ୍ରାମର ବୋଲି ଜଣାପଡିଛି । ଏ ନେଇ ଆସିକା ବନାଞ୍ଚଳରେ ୨୭୪/୨୧-୨୨ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ସଚିନ କୁମାର ପ୍ରଧାନ କହିଛନ୍ତି।

## ବିଜେଡିରେ ମିଶିଲେ ଭାଜପା ଜିଲା କୃଷକ ମୋର୍ଚ୍ଚା ସଭାପତି

ପୋଲସରା,୮।୧(ଡି.ଏନ.ଏ.)-ପୋଲସରା ବ୍ଲକ କସିପଡାସ୍ଥିତ ମା' ସିଂହାସନୀଙ୍କ ଶକ୍ତିପୀଠ ପରିସରରେ ବିଜେଡି ସମ୍ପାଦକ ଅଶୋକ କୁମାର ବିଷୋୟୀଙ୍କ ଅଧକ୍ଷତାରେ ଶୁକ୍ରବାର ବିଜେଡିର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାଜପା ଘୁମୁସର ଜିଲାର ଜିଲା କୃଷକ ମୋର୍ଚ୍ଚା ସଭାପତି ପୀତବାସ ପ୍ରଧାନ ଭାଜପା ଛାଡି ୨ଶହ ସମର୍ଥକଙ୍କୁ ନେଇ ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡିରେ ଯୋଗଦାନ ପୂର୍ବରୁ ମୁଁ ମୋ ଇସ୍ତଫାପତ୍ର ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତଙ୍କ ନିକଟକୁ ପଠାଇଦେଇଛି ବୋଲି ସେ କହିଥିଲେ। ଏଥିସହ ଭାଜପା କର୍ମୀ ଆକୁଳ ସାହୁ, ସତ୍ୟନାରାୟଣ ସାହୁ, ରଘୁନାଥ ସାହୁ, ସରୋଜ କୁମାର ସ୍ୱାଇଁ ପ୍ରମୁଖ ବିଜେଡିରେ ଯୋଗ ଦେଇଥିଲେ। ଭାଜପାର ଦୁର୍ବଳ ସଂଗଠନକୁ ଦାୟୀ କରି ଦଳ ତ୍ୟାଗ କରିଥିବା କର୍ମୀମାନେ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜେଡିର ରଞ୍ଜନ କୁମାର ସାହୁ, ନାରାୟଣ ପ୍ରଧାନ, ଚିରିକିପଡା ଶାସନ ପଞ୍ଚାୟତର ବିଜେଡି ସଭାପତି ପଦ୍ମନାଭ ସାହୁ, ସରପଞ୍ଚ ପ୍ରତିନିଧି ଚନ୍ଦ୍ରଭାନୁ ସାହୁ, ସମିତିସଭ୍ୟ ପ୍ରତିନିଧି ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୩ କୋଭିଡ୍ ହସ୍ପିଟାଲ ପ୍ରସ୍ତୁତ ନିର୍ଦ୍ଦେଶ

ଛତ୍ରପୁର, ୮।୧(ଡି.ଏନ.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶନିବାର ପୂର୍ବାହ୍ନରେ ଓସ୍ୱାନ ହଲ୍‌ଠାରେ ଜୁମ୍ ବୈଠକ କରି ଜିଲାରେ କରୋନା ସଂକ୍ରମଣ ରୋକିବାକୁ ନେଇ ସଚେତନତା କାର୍ଯ୍ୟକୁ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍‌ର ପ୍ରଥମ ଏବଂ ଦ୍ୱିତୀୟ ଲହର ସମୟରେ ମୁକାବିଲା ଦିଗରେ ଯେପରି କାର୍ଯ୍ୟଖସଡା ପ୍ରସ୍ତୁତ କରି ପରିସ୍ଥିତି ନିୟନ୍ତ୍ରଣ କରାଯାଇଥିଲା ସେହିପରି ବର୍ତ୍ତମାନ ମଧ୍ୟ ଏହାର ମୁକାବିଲା ପାଇଁ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବର୍ତ୍ତମାନ କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟରେ ୯୦ ଅକ୍ସିଜେନ୍ ରହିତ ଆଇସିୟୁ ଶଯ୍ୟା ପ୍ରସ୍ତୁତ କରାଯାଇଛି। ଟାଟା, ଅଶ୍ୱିନୀ ଓ ହାଇଟେକ୍‌ରେ ସପ୍ତାହକ ମଧ୍ୟରେ ଅକ୍ସିଜେନ ରହିତ ଶଯ୍ୟା ପ୍ରସ୍ତୁତ କରି ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଭଞ୍ଜନଗର, ହିଞ୍ଜିଳିକାଟୁ, ଆସ୍କା ଏବଂ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟଗୁଡିକରେ ଅକ୍ସିଜେନ ରହିତ ଶଯ୍ୟା ପ୍ରସ୍ତୁତ କରି ରଖିବା ପାଇଁ ଜିଲାପାଳ ଜଣାଇଥିଲେ। ଜିଲାରେ ଅକ୍ସିଜେନ ଏବଂ ସିଲିଣ୍ଡରର ଅଭାବ ନାହିଁ। ବ୍ରହ୍ମପୁର ସିଟି ହସ୍ପିଟାଲରେ ୧୫୦ ଅକ୍ସିଜେନ ରହିତ ଶଯ୍ୟା ପ୍ରସ୍ତୁତ କରି ରଖିବା ପାଇଁ କହିଥିଲେ। ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥଣ୍ଡା, କାଶ ଓ ଜ୍ୱରର ଚିକିତ୍ସା କରାଯିବା ସହ ଶଯ୍ୟା ମଧ୍ୟ ପ୍ରସ୍ତୁତ କରି ରଖାଯିବ।

# ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର କମିଟିର ତଦନ୍ତ

### ବାଳ ସୁଧାର ଗୃହରେ ମୋବାଇଲ ବ୍ୟବହାର ଘଟଣା

ବ୍ରହ୍ମପୁର ଅଫିସ,୮।୧

ବ୍ରହ୍ମପୁର ବାଳ ସୁଧାର ଗୃହ ଅନ୍ତେବାସୀଙ୍କୁ ମୋବାଇଲ ଫୋନରେ ପରିବାରବର୍ଗଙ୍କ ସହ କଥା ହେବା ଘଟଣାର ପୁଣିଥରେ ତଦନ୍ତ ଆରମ୍ଭ ହୋଇଛି। ପ୍ରାଥମିକ ତଦନ୍ତ ରିପୋର୍ଟରେ ଗଞ୍ଜାମ ଜିଲାପାଳ ଅସନ୍ତୁଷ୍ଟ ପ୍ରକାଶ କରିଥିଲେ। ଏଣୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏଡିଏମ୍, ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନେଇ ଗଠିତ ଟିମ୍ ବାଳ ସୁଧାର ଗୃହରେ ପହଞ୍ଚି ଘଟଣାର ତଦନ୍ତ କରିଛି।

ପ୍ରକାଶ ଯେ, ଗତ ଜୁଲାଇରେ ବାଳ ସୁଧାର ଗୃହର ହାଉସ୍ ଫାଦର ସମରେନ୍ଦ୍ର ଶତପଥୀ ନିଜ ମୋବାଇଲରେ ଜଣେ ଅନ୍ତେବାସୀଙ୍କୁ ତାଙ୍କ ପରିବାରବର୍ଗଙ୍କ ସହିତ କଥା କରାଇଥିଲେ। ଅନ୍ତେବାସୀ ଜଣକ ତାଙ୍କ ପରିବାରବର୍ଗଙ୍କୁ ୫ଶହ ଟଙ୍କା ମାଗିଥିଲେ। ପରିବାରବର୍ଗ ସମରେନ୍ଦ୍ରଙ୍କ ମୋବାଇଲ୍ ନମ୍ବରରେ ଅନ୍‌ଲାଇନରେ ଟଙ୍କା ପଠାଇଥିଲେ। କିନ୍ତୁ ସେ ଅନ୍ତେବାସୀଙ୍କୁ ୪ଶହ ଦେଇ ଶହେ ଟଙ୍କା କମିସନ୍ ରଖିଥିଲେ।





ବାଳ ସୁଧାର ଗୃହ ।

ଏ ନେଇ ଅନ୍ତେବାସୀଙ୍କ ପରିବାରବର୍ଗ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ କ୍ରମେ ସମ୍ପୃକ୍ତ ହାଉସ୍ ଫାଦରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏହି ଘଟଣାର ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ଦିଆଯାଇଥିଲା। ହେଲେ ଜିଲାପାଳ ପୁଣିଥରେ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଗଜପତି ଜିଲାର ବୋଲି ଜଣାପଡ଼ିଛି। ଏଣୁ ଗଜପତି ଡିସିପିଓଙ୍କୁ ଘଟଣା ସମ୍ପର୍କରେ ଅବଗତ କରି ତାଙ୍କ ପରିବାରବର୍ଗଙ୍କ ସହିତ ଯୋଗାଯୋଗ କରିବାକୁ କୁହାଯାଇଥିବା ସୂଚନା ମିଳିଛି। ସେହିପରି ବାଳ ସୁଧାର ଗୃହରୁ ଅନ୍ତେବାସୀ ଚମ୍ପଟ ଘଟଣାର ତଦନ୍ତ ରିପୋର୍ଟ ରାଜ୍ୟ ଶିଶୁ ଓ ମହିଳା କଲ୍ୟାଣ ବିଭାଗ ନିକଟକୁ ପଠାଯାଇଛି। ସେହିପରି ଚାଇଲ୍ଡ ଲାଇନର କାର୍ଯ୍ୟକୁ ନେଇ ଜଣେ ବ୍ୟକ୍ତି ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଚାଇଲ୍ଡ ଲାଇନ୍ ଅଫିସରେ ମଧ୍ୟ ଏହି ଟିମ୍ ତଦନ୍ତ କରିଥିବା ସୂଚନା ମିଳିଛି।

## ଗଞ୍ଜାମର ସମସ୍ତ ଧର୍ମସ୍ଥଳୀ ଫେବୃୟାରୀ ପହିଲା ଯାଏ ବନ୍ଦ

ଛତ୍ରପୁର/ବ୍ରହ୍ମପୁର ଅଫିସ, ୮।୧(ଡି.ଏନ.ଏ.)

କୋଭିଡ୍ ସଂକ୍ରମଣ ରୋକିବା ନେଇ ଗଞ୍ଜାମ ଜିଲାର ସମସ୍ତ ଧାର୍ମିକ ସ୍ଥାନ ଯଥା ତାରାତାରିଣୀ, ମା' ବୁଢ଼ୀ ଠାକୁରାଣୀ, ବ୍ରହ୍ମପୁର ମା' ସିଦ୍ଧଭୈରବୀଙ୍କ ମନ୍ଦିର ସର୍ବସାଧାରଣଙ୍କ ପାଇଁ ବନ୍ଦ ରହିବ। ପୁରୋହିତ, ସେବାୟତଙ୍କୁ ଦୈନନ୍ଦିନ ପୂଜା ଲାଗି ଅନୁମତି ଦିଆଯାଇଛି। ଏହି ନିୟମ ଆସନ୍ତା ୯ ତାରିଖରୁ ଫେବୃୟାରୀ ୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ।

## ମୋହନାରେ ଲାଗୁହେଲା ରାତ୍ରିକାଳୀନ କର୍ଫ୍ୟୁ

ଆର.ଉଦୟଗିରି,୮।୧ (ଡି.ଏନ.ଏ.)

ଗଜପତି ଜିଲାରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାତ୍ରୀକାଳୀନ କର୍ଫ୍ୟୁ ଆରମ୍ଭ ହୋଇଛି। ଏହି ନିୟମ ଲାଗୁ କରିଛନ୍ତି ଜିଲା ପ୍ରଶାସନ। ମୋହନା ଥାନାଧିକାରୀ ସୁଜିତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ସଞ୍ଜୟ କୁମାର ପ୍ରଧାନ ଓ ସହଯୋଗୀଙ୍କ ସହ ମୋହନା ବଜାର କଲେଜ ଛକଠାରୁ ହାଇସ୍କୁଲ ଛକ ପର୍ଯ୍ୟନ୍ତ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ଦୋକାନୀ ଓ ଜନସାଧାରଣଙ୍କୁ ସଚେତନ କରାଇଛନ୍ତି।

## ୨୦ ବଖରା ଜଳିଗଲା

ସୋରଡ଼ା,୮।୧(ଡି.ଏନ୍.ଏ.)

ଭଗବାନପୁର ପଞ୍ଚାୟତ ରୁମାପାଲି ଗ୍ରାମରେ ଶନିବାର ୧୦ ପରିବାରର ୨ ବଖରା ଲେଖାଏ ୨୦ ଘର ଜଳିଯାଇଛି। ଅଗ୍ନିବିପନ୍ନମାନେ ହେଲେ ଗ୍ରାମର ଧୋବା ଗଉଡ, ତ୍ରିନାଥ ଗଉଡ, ରାଧା ବିଷୋୟୀ, କାନ୍ଧ ଗଉଡ, ଗଣ୍ଡୁ ବିଷୋୟୀ, ମିଟୁ ବିଷୋୟୀ, ବସନ୍ତ ବେହେରା, ପରି ବେହେରା, କୈଳାସ ବେହେରା, ଈଶ୍ୱର ବେହେରା, ପାଣ ବେହେରା, ଦମ୍ବରୁ ବେହେରା। ସକାଳେ କୌଣସି କାରଣରୁ ହଠାତ୍ ଗ୍ରାମରେ ନିଆଁ ଲାଗିଯାଇଥିଲା। ଧରାକୋଟରୁ ଦମକଳ ଆସି ଲିଭାଇଥିଲା। ପୋଲିସ ଏସ୍‌ଆଇ ଆର୍ତ୍ତତ୍ରାଣ ଦାନି ଓ କର୍ମଚାରୀଙ୍କ ସହ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଗ୍ରାମରେ ପହଞ୍ଚି ପୀଡିତଙ୍କୁ ଆଶ୍ୱାସନା ଦେଇଥିଲେ।

## ଏସ୍‌ଏଚ୍‌ଜିଙ୍କୁ ଧାନ ମଣ୍ଡି ଦାୟିତ୍ୱ ନେଇ ରାସ୍ତାରୋକୋ



ଏସ୍‌ଏଚ୍‌ଜି ଗୋଷ୍ଠୀ ପକ୍ଷରୁ ରାସ୍ତାରୋକୋ କରାଯାଇଛି।

କାଶୀନଗର,୮।୧

କାଶୀନଗର ବ୍ଲକରେ ଚାଷୀଙ୍କଠାରୁ ଧାନକିଣା ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ଧାନ ସଂଗ୍ରହ ଦାୟିତ୍ୱ ପ୍ରଦାନକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିବାଦ ଦେଖାଦେଇଛି। ପ୍ରତି ଗାଁରେ ବହୁ ମହିଳା ଗୋଷ୍ଠୀ ରହିଛନ୍ତି। କିନ୍ତୁ ପ୍ରିୟାପ୍ରୀତି ତୋଷଣ ନୀତିରେ ଗୋଷ୍ଠୀକୁ ଚୟନ କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ ଅନ୍ୟ ମହିଳା ଗୋଷ୍ଠୀ ତାଙ୍କୁ ଅଣଦେଖା କରାଯାଇଥିବା ନେଇ ଅଭିଯୋଗ କରି ମଣ୍ଡି ଖୋଲିଲା ଦିନ ହିଁ ହରିପୁର ଅଙ୍ଗନୱାଡି କର୍ମୀଙ୍କୁ ତାଲା ଓ ଶିଶୁ ବିକାଶ କାର୍ଯ୍ୟାଳୟ ଘେରାଉ କରିଥିଲେ ହରିପୁର ମହିଳା ଗୋଷ୍ଠୀ। ଆଜକୁ ୫ ଦିନ ବିତିଲାଣି ଏହି ସମସ୍ୟା ଲାଗି ରହିଛି। ଶନିବାର କାଶୀନଗର-ଗୁଣପୁର-ପାରଳାଖେମୁଣ୍ଡି ମୁଖ୍ୟ ରାସ୍ତାରୋକୋ କରିବା ସହ ହାଡୁଭାଙ୍ଗି, କେ.ସୀତାପୁର, କିଡ଼ିଗାଁ, ରାଣିପେଣ୍ଟ ଗ୍ରାମର ମହିଳାମାନେ ବିରାଟ ରାଲି କରି ଧାରଣା ଦେବା ସହ ରାସ୍ତା ଅବରୋଧ କରିଥିଲେ। ଗଜପତି ଜିଲାପାଳ ଧାରଣାସ୍ଥଳକୁ ଆସି ଉକ୍ତ ସମସ୍ୟା ନ ବୁଝିବା ଯାଏ ଧାରଣା ଜାରି ରହିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଥାନାଧିକାରୀ ସୁଶାନ୍ତ କୁମାର ସାହୁ ଓ ଅତିରିକ୍ତ ତହସିଲଦାର ଗୋପାଳକୃଷ୍ଣ ଅଧିକାରୀ ପହଞ୍ଚି ବୁଝାଶୁଝା କରି ରାସ୍ତାରୋକୋ ହଟାଇଥିଲେ। ବିଡିଓ ଲକ୍ଷ୍ମୀ ପ୍ରସାଦ ସାହୁ ମଧ୍ୟ ଘଟଣାସ୍ଥଳକୁ ଯାଇ ବୁଝାଶୁଝା କରିଛନ୍ତି। ଧାନ ସଂଗ୍ରହ ନେଇ ଯେଉଁ ଅବ୍ୟବସ୍ଥା ଦେଖାଦେଇଛି ଚାଷୀମାନେ ଧାନ ବିକ୍ରି ନେଇ ବିଶେଷ ଅସୁବିଧାରେ ପଡ଼ିଛନ୍ତି। ଏହି ଗୁରୁତର ସମସ୍ୟାକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ସମବାୟ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ବିକଳ୍ପ ବ୍ୟବସ୍ଥା ନିମନ୍ତେ କୃଷକ ସମାଜ ଦାବି କରିଛି।

## ଅବସରପ୍ରାପ୍ତ ଶିକ୍ଷକ ଦମ୍ପତିଙ୍କ ଘରୁ ଚୋରି ଘଟଣା: ମିଳୁନି ସୁରାକ

ବ୍ରହ୍ମପୁର ଅଫିସ,୮।୧

ବ୍ରହ୍ମପୁର ସଦର ଥାନା ଲୋଚାପଡ଼ା ବ୍ରଜନଗର ତୃତୀୟ ଲେନ୍‌ରେ ରହୁଥିବା ଅବସରପ୍ରାପ୍ତ ଶିକ୍ଷକ ଦମ୍ପତିଙ୍କ ଘରୁ ଗତ ୧ରେ ଚୋରମାନେ ୪୦ ଭରି ସୁନାଗହଣା ସହିତ ନଗଦ ଟଙ୍କା ନେଇଯାଇଥିଲେ। ଇତିମଧ୍ୟରେ ସପ୍ତାହେ ବିତିଗଲାଣି। ପୋଲିସକୁ ଏଯାବତ୍ କୌଣସି ସୁରାକ ମିଳିନାହିଁ। ଘଟଣା ପରେ ସନ୍ଦେହରେ ପୋଲିସ କେତେକ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ହେଲେ କୌଣସି ସୁଫଳ ମିଳି ନ ଥିଲା। ଲୋଚାପଡ଼ା ବ୍ରଜନଗରରେ ରହୁଥିବା ଅବସରପ୍ରାପ୍ତ ଶିକ୍ଷକ ଦମ୍ପତି ହରିକୃଷ୍ଣ ପୃଷ୍ଟି ଓ ତାଙ୍କ ସ୍ତ୍ରୀ ପଦ୍ମିନୀ ଦେବୀ ଡିସେମ୍ବର ୨୭ରେ ରାୟପୁରସ୍ଥିତ ତାଙ୍କ ଝିଅଘରକୁ ଯାଇଥିଲେ। ଏଣୁ ଘରେ ତାଲା ଦିଆଯାଇଥିଲା। ତାଙ୍କର ଏକମାତ୍ର ପୁଅ ଭେଙ୍କଟ ରମଣା ପୃଷ୍ଟି ଭୁବନେଶ୍ୱର ଏମ୍ସରେ ଡାକ୍ତର ଭାବେ କାର୍ଯ୍ୟ କରନ୍ତି। ଗତ ୧ ସକାଳେ କାମବାଲି ଘର ସଫା କରିବା ପାଇଁ ଆସିଥିଲେ। ଏହି ସମୟରେ ତାଲା ଭଙ୍ଗାଯାଇଥିବା ସେ ଦେଖିବାକୁ ପାଇଥିଲେ। ଏଣୁ ସେ ଘଟଣା ସମ୍ପର୍କରେ ହରିକୃଷ୍ଣଙ୍କୁ ଜଣାଇଥିଲେ।

## ମୋହନାରେ ୧୬ ପ୍ରକଳ୍ପର ଶିଳାନ୍ୟାସ



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ, ଏମ୍‌ପି ଓ ଅନ୍ୟମାନେ।

ଆର.ଉଦୟଗିରି,୮।୧(ଡି.ଏନ.ଏ.)

ଗଜପତି ଜିଲା ମୋହନା ବ୍ଲକକୁ ଶନିବାର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା ଦିନିକିଆ ଗସ୍ତରେ ଆସି ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ ଅଧୀନରେ ହେବାକୁ ଥିବା ୧୬ ବଡ଼ ବଡ଼ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ହାଇଟେକ ଗ୍ରୁପ ଅଧକ୍ଷ ଡ. ତିରୁପତି ପାଣିଗ୍ରାହୀ, ଉପଜିଲାପାଳ ଦିଲୀପ କୁମାର ମହାରଣା, ବିଡିଓ ତପସ୍ୱିନୀ ହାଂସଦା, ବ୍ଲକ ଅଧକ୍ଷା ସୁଖୀ ଶବର, ଥାନାଧିକାରୀ ସୁଜିତ କୁମାର ନାୟକ, ଜିଲା ପରିଷଦ ସଦସ୍ୟ ବାଳକୃଷ୍ଣ ମଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ନିର୍ବାହୀ ଯନ୍ତ୍ରୀ ଇଂ. ଉମା ଶଙ୍କର ମଲିକ ଧନ୍ୟବାଦ ଦେଇଥିଲେ। ଏହାକୁ ବିଭାଗୀୟ ଅଧିକାରୀ ସୁଶୋଭନ ସାହୁ, ସୁଧୀର କୁମାର ପାଢୀ ଏବଂ ବିଭାଗୀୟ ଯନ୍ତ୍ରୀମାନେ ସୁପରିଚାଳନା କରିଥିଲେ। ମନ୍ତ୍ରୀଙ୍କ ଦ୍ୱାରା ୬୧କୋଟି ୫୮ଲକ୍ଷ ୬୫ହଜାର ଟଙ୍କା ପ୍ରକଳ୍ପ ଶିଳାନ୍ୟାସ ହୋଇଛି। ଏହି ଉତ୍ସବରେ ମୋହନା ବ୍ଲକର ସମସ୍ତ ବିଜେଡି କର୍ମୀଙ୍କ ସମେତ ଜିଲାର ବିଜେଡି ନେତାମାନେ ମଧ୍ୟ ଉପସ୍ଥିତ ଥିଲେ।

## କୋଭିଡ୍ କଟକଣା ଭୁଲିଗଲେ ଉପଜିଲାପାଳ

ଫୁଲବାଣୀ ଅଫିସ/ବାଲିଗୁଡ଼ା (ଡି.ଏନ୍.ଏ.), ୮।୧

କନ୍ଧମାଳ ଜିଲାରେ କରୋନାର ତୃତୀୟ ଲହର ମୁକାବିଲା ପାଇଁ ପ୍ରଶାସନିକ ସ୍ତରରେ ସଚେତନତା କରାଯାଉଛି। ବାଲିଗୁଡ଼ାରେ ମଧ୍ୟ ରାତ୍ରିକାଳୀନ କର୍ଫ୍ୟୁ ଚାଲିଛି। ଏପରି ସ୍ଥଳେ ଶୁକ୍ରବାର ବିଳମ୍ବିତ ରାତି ଯାଏ ବାଲିଗୁଡ଼ା ଉପଜିଲାପାଳଙ୍କ ବିଦାୟକାଳୀନ ଉତ୍ସବରେ କୋଭିଡ୍ ନିୟମକୁ ଉଲ୍ଲଂଘନ କରାଯାଇଛି। ବାଲିଗୁଡ଼ା ଆଇଟିଡିଏ କାର୍ଯ୍ୟାଳୟରେ ସ୍ଥାନୀୟ ଉପଜିଲାପାଳଙ୍କ ବଦଳି ପରେ ତାଙ୍କୁ ବିଦାୟକାଳୀୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଫିସ କର୍ମଚାରୀ, ରାଜନେତା, ଠିକାଦାର ସାମିଲ ଥିଲେ। ରଙ୍ଗମଞ୍ଚରେ ବିଦାୟକାଳୀନ ସଙ୍ଗୀତରେ ମଞ୍ଚ ପ୍ରକମ୍ପିତ ହୋଇଥିଲା, ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି । କର୍ଫ୍ୟୁ ସତ୍ତ୍ୱେ ରାତି ୧୨ ଯାଏ ସାଉଣ୍ଡ ସିଷ୍ଟମ ଚାଲିଥିଲା। ବିନା ମାସ୍କରେ ଉପଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ସମେତ ଅତିଥିଙ୍କୁ ଦେଖିବାକୁ ମିଳିଥିଲା। ଏହା ସରକାରଙ୍କ କରୋନା ଗାଇଡ୍‌ଲାଇନର ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି ଅଭିଯୋଗ ହେଉଛି।

## କୋଭିଡ୍ ଜନ ସଚେତନତା ପଦଯାତ୍ରା





ସଚେତନତା କରାଯାଉଛି ।

କାଶୀନଗର,୮।୧

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଲଡ଼ାର ଜୁନିୟର ରେଡ୍‌କ୍ରସ ଶାଖା ତରଫରୁ କୋଭିଡ୍ ଜନ ସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ଓମିକ୍ରନ ଓ ଆଇଏଚୟୁ ଭଳି ନୂତନ କୋରୋନା ଭୂତାଣୁର ଭୟାବହତା ବିଷୟରେ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଦ୍ରୁତଗତିରେ ବୃଦ୍ଧି ପାଉଥିବା କୋରୋନା ତୃତୀୟ ଲହରରୁ ରକ୍ଷା ପାଇବା ପାଇଁ ମାସ୍କ ଏବଂ ସାମାଜିକ ଦୂରତ୍ୱର ଗୁରୁତ୍ୱ ବୁଝାଇ ମାଗଣା ମାସ୍କ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧକ୍ଷା, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ୩୦ରୁ ଊର୍ଦ୍ଧ୍ୱ ଜେଆର୍‌ସି ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ଯୁବତୀଙ୍କୁ ଠକେଇ ମାମଲାରେ ଆନ୍ତଃ ରାଜ୍ୟ ଠକ ଗିରଫ

### ଆହୁରି ୩ ମାମଲାରେ ସମ୍ପୃକ୍ତ ଥିଲେ

ଛତ୍ରପୁର,୮।୧(ଡି.ଏନ.ଏ.)

ସୋସିଆଲ ମିଡିଆରେ ସମ୍ପର୍କ ରଖି ବିବାହ ପ୍ରତିଶ୍ରୁତି ଦେଇ ଓଡ଼ିଶାର ବିଭିନ୍ନ ସ୍ଥାନର ନିରୀହ ଯୁବତୀମାନଙ୍କଠାରୁ ଟଙ୍କା ଠକେଇ କରୁଥିବା ଯୁବକଙ୍କୁ ଛତ୍ରପୁର ପୋଲିସ ଗିରଫ କରିଛି । ସେ ହେଲେ ଅନୁଗୋଳ ଟାଉନ୍ ଥାନା ଅଧୀନ ଖଲାରୀ ଗାଁର ଭବାନୀ ସିଦ୍ଧାର୍ଥ ଶଙ୍କର(୨୬)। ତାଙ୍କୁ ଶନିବାର ପୋଲିସ କୋର୍ଟ ଚାଲାଣ କରିଥିବା ଛତ୍ରପୁର ଥାନା ଆଇଆଇସି ସତ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଗିରଫ ଭବାନୀଙ୍କଠାରୁ ୧ ଲକ୍ଷ ୭ ହଜାର ଟଙ୍କା ଜବତ କରାଯାଇଛି । ଏଥିସହ ଛତ୍ରପୁର ପୋଲିସ ତଦନ୍ତ କରି ୩ ମୋବାଇଲ ଫୋନ୍, ବ୍ୟାଙ୍କ ଖାତା, ଆଧାର କାର୍ଡ, ହ୍ୱାଟ୍ସ ଆପ୍ ସ୍କ୍ରିନ୍ ସଟ୍ (୧୦ ପୃଷ୍ଠା) ଆଦି ଜବତ କରିଛି ।

ସୂଚନା ଅନୁସାରେ, ଗୋପାଳପୁର ଥାନା ଅଞ୍ଚଳର ଜଣେ ୨୬ ବର୍ଷୀୟା ଯୁବତୀଙ୍କ ସହ ଭବାନୀ ସୋସିଆଲ ମିଡିଆରେ ସମ୍ପର୍କ ରଖି ବିବାହ ପ୍ରତଶ୍ରୁତି ଦେଇଆସୁଥିଲେ । ପରେ ତାଙ୍କୁ ବିଭିନ୍ନ କିସ୍ତିରେ ୧ ଲକ୍ଷ ୧୦ ହଜାର ଟଙ୍କା ମାଗିଥିଲେ। ତେବେ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର ବଦଳରେ ଅନ୍ୟ ଜଣେ ସହଯୋଗୀ କୋରାପୁଟ ଜିଲା ନନ୍ଦପୁର ନିକଟ ଉମ୍ବେଲଗାଁର ରାମ ପାଙ୍ଗୀଙ୍କ ଫୋନ୍ ପେ ନମ୍ବର ଯୁବତୀଙ୍କୁ ଦେଇଥିଲେ । ପରେ ଯୁବତୀ ଜଣକ ରାମଙ୍କ ଫୋନ୍ ପେକୁ ୧ ଲକ୍ଷ ୧୦ ହଜାର ପଠାଇଥିଲେ। ମାତ୍ର ରାମ ସତ୍ୟ ଘଟଣା ଜାଣି ନ ଥିଲେ। ବିଶ୍ୱାସ କରି ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୧୦ ହଜାର ଟଙ୍କା ଉଠାଇ ଭବାନୀଙ୍କୁ ଦେଇଥିଲେ। ପରେ ଉକ୍ତ ସାଇବର ଠକେଇର ଶିକାର ଯୁବତୀ ଜଣଙ୍କ ଛତ୍ରପୁର ଥାନାରେ ୨୦୨୧ ଡିସେମ୍ବର ୨୫ରେ ଏତଲା ଦେଇଥିଲେ । ଛତ୍ରପୁର ପୋଲିସ ବିଭିନ୍ନ ଧାରା ଲଗାଇ ମାମଲା ନଂ.୬୭୫/୨୧ ରୁଜୁ କରି ତଦନ୍ତ ଚଳାଇଥିଲା । ଫୋନ୍ ପେକୁ ଟଙ୍କା ଯାଇଥିବା ରାମଙ୍କୁ ୪ ତାରିଖରେ ଛତ୍ରପୁର ପୋଲିସର ଏକ ଟିମ୍ କୋରାପୁଟ ଜିଲା ସେମିଳିଗୁଡାରୁ ଧରିଥିଲା । ପରେ ତାଙ୍କୁ ଛତ୍ରପୁର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇ ସିଆରପିସିର ୧୬୪ରେ ତାଙ୍କର ବୟାନ ରେକର୍ଡ କରାଯାଇଥିଲା। ତାଙ୍କର ବୟାନ ଓ ସହାୟତା ଏବଂ ମୋବାଇଲ ଫୋନ୍ ଲୋକେଶନ ଟ୍ରାକ୍ କରି ୮ ତାରିଖରେ ଭବାନୀଙ୍କୁ ବ୍ରହ୍ମପୁର ବସ୍‌ଷ୍ଟାଣ୍ଡ ଅଞ୍ଚଳରୁ ଛତ୍ରପୁର ପୋଲିସ ଗିରଫ କରିଥିଲା ।

## ରସାୟନ ବିଜ୍ଞାନ ବିଭାଗର ପାଠଚକ୍ର

ଭଞ୍ଜନଗର,୮।୧(ଡି.ଏନ.ଏ):

କ୍ଷତ୍ରିୟବରପୁର ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପାଠଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ସୁବାସ ଚନ୍ଦ୍ର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଭାଗୀୟ ମୁଖ୍ୟ ଅଧାପକ ଡ. ଇ.ରବି ନାରାୟଣ ପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧାପକ ଡ.ଗିରିଧାରୀ ନାୟକ, ସୁଦର୍ଶନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୋଭିଡ୍ ୧୯ରେ ରସାୟନ ବିଜ୍ଞାନ ବିଭାଗର ଭୂମିକା ଉପରେ ଲିଖିତ ସନ୍ଦର୍ଭଟିକୁ ଛାତ୍ରୀ ପ୍ରୀତି ବିଷୋୟୀ ପଠନ କରିଥିଲେ। ତାଙ୍କୁ ଅଧାପକ ଡ.ସଞ୍ଜୀବ କୁମାର ଦାସ, ତପନ କୁମାର ତ୍ରିପାଠୀ ସହଯୋଗ କରିଥିଲେ । ପାଠଚକ୍ର ସମ୍ପାଦକ ଜଗଦୀଶ ସ୍ୱାଇଁ, ସହ ସମ୍ପାଦକ ରୂପାଲି ଗୌଡ଼ ଆଲୋଚନାରେ ଭାଗ ନେଇଥିଲେ। ଶୁଭାଶିଷ ନାୟକ ଧନ୍ୟବାଦ ଦେଇଥିଲେ ।

## କ୍ଷତିପୂରଣ ଦାବିରେ ମୃତଦେହ ରଖି ରାଜପଥ ଅବରୋଧ

### ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ମୃତ୍ୟୁ ଘଟଣା

ଦାରିଙ୍ଗବାଡ଼ି,୮।୧(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ସାରିଙ୍ଗିଇର୍ପି ଗ୍ରାମ ନିକଟ ୫୯ନଂ ଜାତୀୟ ରାଜପଥରେ ଏକ ଟ୍ରାକ୍ଟର ଧକ୍କାରେ ଶୁକ୍ରବାର ବିଳମ୍ବିତ ରାତିରେ ବାଇକ ଆରୋହୀ ରତ୍ନାକର ନାୟକଙ୍କ ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ କରାଯାଇ ସିମନବାଡି ଗାଁରେ ପହଞ୍ଚିବା ପରେ ଉତ୍ତେଜନା ଦେଖାଯାଇଛି। ୫୯ନଂ. ଜାତୀୟ ରାଜପଥର ସିମନବାଡିଠାରେ ଟାୟାର ଜାଳି ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ଧକ୍କା ଦେଇଥିବା ଟ୍ରାକ୍ଟର ମାଲିକ ଏବଂ ଚାଳକଙ୍କୁ ଗିରଫ ଦାବିରେ ଏହି ବିକ୍ଷୋଭ କରାଯାଉଥିବା ଆନ୍ଦୋଳନକାରୀ କହିଛନ୍ତି। ଫଳରେ ଦାରିଙ୍ଗବାଡିଠାରୁ ବାଲିଗୁଡା, ରାଇପୁର ଆଦି ଅଞ୍ଚଳକୁ ଗାଡି ଚଳାଚଳ ବାଧାପ୍ରାପ୍ତ



କ୍ଷତିପୂରଣ ଦାବି କରି ଲୋକେ ରସ୍ତାରୋକୋ କରିଛନ୍ତି।

ହୋଇଛି। ପୋଲିସ ସବଇନ୍ସପେକ୍ଟର ଜିତେନ୍ଦ୍ର ବେହେରା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ଫଳପ୍ରଦ ହୋଇ ନ ଥିଲା। ପରେ ଦାରିଙ୍ଗବାଡି ତହସିଲଦାର ଚାର୍ଲସ ନାୟକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାପରେ ରାଜପଥରୁ ବିକ୍ଷୋଭକାରୀ ଉଠିଥିଲେ। ଦାରିଙ୍ଗବାଡି ଥାନା ସିମନବାଡି ଅଞ୍ଚଳର ରତ୍ନାକର ଶୁକ୍ରବାର ସନ୍ଧ୍ୟାରେ ଦାରିଙ୍ଗବାଡି ଯାଇ ବିଳମ୍ବିତ ରାତିରେ ସିମନବାଡି ଫେରୁଥିଲେ । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରାକ୍ଟର ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିଲା ।

### କାର୍ଯ୍ୟକାରୀ ହେଉନି ଯୋଗାଣ ସହାୟକଙ୍କୁ ବହିଷ୍କାର ଆଦେଶ

## ଗୋଦାମ ଘରେ ତାଲା ପକାଇଲେ ସରପଞ୍ଚ

ବୁଗୁଡ଼ା, ୮।୧(ଡି.ଏନ.ଏ.)

ଅସମୟରେ ସରକାର ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ପ୍ରଦାନ କରୁଥିବା ବେଳେ ପଞ୍ଚାୟତର ନିୟମ ମାନୁ ନ ଥିବା ଜଣେ ଯୋଗାଣ ସହାୟକଙ୍କୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ପଞ୍ଚାୟତର ନିଷ୍ପତ୍ତି କ୍ରମେ ବହିଷ୍କାର କରାଯାଇଥିଲେ ହେଁ ତାହା କାର୍ଯ୍ୟକାରୀ ହେଉ ନ ଥିବା ଯୋଗୁ ଖୋଦ୍ ସରପଞ୍ଚ ନିଜେ ଗୋଦାମ ଗୃହରେ ତାଲା ପକାଇବାକୁ ବାଧ ହୋଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ବୁଗୁଡ଼ା ବ୍ଲକ ଭାମସିଆଳି ପଞ୍ଚାୟତରେ। ଉକ୍ତ ପଞ୍ଚାୟତର ଯୋଗାଣ ସହାୟକ ଦୀର୍ଘ ପାଞ୍ଚ ବର୍ଷ ହେଲା ପଞ୍ଚାୟତରେ ବଣ୍ଟା ଯାଉଥିବା ଚାଉଳ, ଗହମ ଓ କିରୋସିନ ସମେତ ଅଖାର ହିସାବ ସରପଞ୍ଚଙ୍କୁ ଦେଉ ନ ଥିବା ଜଣାପଡିଛି। ଲୋକଙ୍କ ଖାଉଟି ସାମଗ୍ରୀ ହରିଲୁଟ୍ କରୁଥିବା, ଷ୍ଟକ୍ ଯାଞ୍ଚ କରିବାକୁ ସରପଞ୍ଚଙ୍କୁ ସୁଯୋଗ ଦେଉ ନ ଥିବା, ପ୍ରତି ମାସରେ ପଞ୍ଚାୟତରୁ ଏନ୍‌ଓସି ନେବାର ନିୟମ ଥିଲେ ମଧ୍ୟ ତାହାର ବ୍ୟତିକ୍ରମ ଘଟାଇ ବାରମ୍ବାର ମାସିକ କୋଟା ଉଠାଉଛନ୍ତି। ପଞ୍ଚାୟତର କୌଣସି ବୈଠକରେ ଯୋଗ ଦେଉ ନ ଥିବାରୁ ଗତ ଅକ୍ଟୋବର ୨୯ରେ ପଞ୍ଚାୟତ ତରଫରୁ ସମ୍ପୃକ୍ତ ଯୋଗାଣ ସହାୟକଙ୍କୁ ବହିଷ୍କାର କରାଯାଇ ଏହାର ନକଲ ଜିଲାପାଳ, ପିଡି, ସ୍ଥାନୀୟ ବିଡିଓଙ୍କ ସମେତ ବିଭିନ୍ନ ଅଧିକାରୀଙ୍କୁ ପ୍ରଦାନ କରାଯାଇ ଥିଲା। କିନ୍ତୁ ଏହା କାର୍ଯ୍ୟକାରୀ ହେଉ ନ ଥିବା ମହିଳା ସରପଞ୍ଚ ଜ୍ୟୋତିର୍ମୟୀ ବେହେରା ଅଭିଯୋଗ କରିଛନ୍ତି। ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ନ ଥିବା ସେ ଅଭିଯୋଗ କରିଛନ୍ତି।

